
# ସତ୍ୟବାଣୀ

(THE VOICE OF TRUTH)



JANUARY - FEBRUARY
2005

*An Origa Bimonthly Bulletin*
*Published By the Church of Christ*

# THE VOICE OF TRUTH

Edited & Published by
Joshua & Kabita Gootam

**CHURCH OF CHRIST**
P.O. Box.No. 80, KAKINADA,
A.P. - 533 001.
Ph : 0884 - 2363722

**VOl. 10.** JANUARY & FEBRUARY 2005 **(No. 1)**

**Published every two months
in Oriya Language for the Restoration of pure New
Testament Christianity**

Watch *SATYA VANI* on TEJA Channel Every
Saturday and every Tuesday on MAA TV
at 6:30 a.m. in Telugu Language.

Speaker : **JOSHUA GOOTAM**

Write for free Bible Correspondence Course in
Telugu & Oriya to :

THE DIRECTOR
**BIBLE CORRESPONDENCE COURSE**
P.O. Box.No. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - X** **KAKINADA** **JAN.-FEB.**

## ମହିଳା ପ୍ରଚାରିକା
## (Women Preachers)

ଆଧୁନିକ ଯୁଗରେ ଅନେକ ନାରୀ, ପ୍ରଚାରିକା କାର୍ଯ୍ୟ ନିର୍ବାହ କରିବାକୁ ଆଗେଇ ଆସୁଛନ୍ତି । ଅନେକ ଗୀର୍ଜାଗୃହର ବେଦିଗୁଡ଼ିକ ନାରୀମାନଙ୍କ ଦ୍ୱାରା ଅଳଙ୍କିତ ଏବଂ ଟିଭି କାର୍ଯ୍ୟକର୍ମରେ ମଧ୍ୟ ନାରୀମାନେ ଭାଗ ନେଉଅଛନ୍ତି । ନାରୀ ସ୍ୱାଧୀନତା ସଂଗ୍ରାମର ଚରମ ଦଶାରେ, ପୁରୁଷମାନଙ୍କ ଦ୍ୱାରା ଅଧିକୃତ ପଦବୀଗୁଡ଼ିକ ନାରୀମାନଙ୍କୁ ଦତ୍ତ ହେବାର ପ୍ରଥା ଆରମ୍ଭ ହେଲା ।

ଯେଉଁ କ୍ଷେତ୍ରରେ ପୁରୁଷ, ପ୍ରଧାନ ପାତ୍ର ନେଇ ଆସୁଅଛି ସେ କ୍ଷେତ୍ରରେ ନାରୀର ପ୍ରବେଶ ନିଷେଧ ଥିବା କିଅବା ନାରୀ ଦମନ କରିବାର ପ୍ରଶ୍ନ ଏଠି ଉଠେ ନାହିଁ । କିନ୍ତୁ ପ୍ରଶ୍ନ ଉଠେ ପ୍ରଚାରିକା କାର୍ଯ୍ୟ କରିବା ନିମନ୍ତେ ପ୍ରଭୁଙ୍କ ନାରୀମାନଙ୍କୁ ଅନୁମତି ଦିଅନ୍ତି ?

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଆପଣା ସୁସମାଚାର ପ୍ରଚାର ସେବା ଆରମ୍ଭ ବେଳାରେ ବାରଜଣ ଶିଷ୍ୟ ମନୋନୀତ କରିଥିଲେ । ସେ ବାରଜଣ ପୁରୁଷମାନଙ୍କୁ ହିଁ ପ୍ରେରିତ ପଦରେ ଭୂଷିତ କରିଥିଲେ । ଯିହୂଦାଙ୍କ ପ୍ରତାରଣା ପରେ, ଯଦିଓ ଅନେକ ବିଶ୍ୱସ୍ତା ନାରୀମାନେ ଥିଲେ । ତାହାଙ୍କ ପଦରେ ଏକ ପୁରୁଷ ମନୋନୀତ ହୋଇଥିଲେ । (ପ୍ରେରିତ ୧:୨୬) ବିଜାତୀୟମାନଙ୍କ ପରିଚର୍ଯ୍ୟାର ଭାର ପାଉଲଙ୍କୁ - ଏକ ପୁରୁଷ - ଦତ୍ତ ହୋଇଥିଲା ।

ମଣ୍ଡଳୀର ସ୍ଥାପନ ପରେ, ମଣ୍ଡଳୀର ପରିଚର୍ଯ୍ୟା ନିମନ୍ତେ ନେତାମାନଙ୍କ ଆବଶ୍ୟକ ପଡ଼ିଲା । ୧ମ ତୀମଥି ୩ୟ ଅଧ୍ୟାୟ ଓ ତିତସ ପ୍ରଥମ ଅଧ୍ୟାୟରେ ବର୍ଣ୍ଣିତ ଯୋଗ୍ୟତା ବିଶିଷ୍ଟ ପୁରୁଷମାନଙ୍କୁ ମଣ୍ଡଳୀମାନଙ୍କରେ ଅଧ୍ୟକ୍ଷ ଓ ସେବକ ପଦରେ ନିଯୁକ୍ତ କରାଯାଇଥିଲା । ନାରୀମାନେ ଅଧ୍ୟକ୍ଷ ଓ ସେବକରୂପେ ନିଯୁକ୍ତ ହୋଇପାରନ୍ତି ବୋଲି ବିଶ୍ୱାସ କରିବା ଲୋକେ, 'ଅଧ୍ୟକ୍ଷ ଏକ ସ୍ତ୍ରୀର ସ୍ୱାମୀ' ହେବାର ଅଧ୍ୟକ୍ଷଙ୍କ ଯୋଗ୍ୟତା ବିଷୟରେ ଧ୍ୟାନ ଦିଅନ୍ତି ନାହିଁ । (୧ମ ତୀମଥି ୩:୨)

ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ; ସମାଧି ଓ ଉତ୍ଥାନ ପରେ ତାହାଙ୍କ ଶିଷ୍ୟମାନଙ୍କୁ ଦେଖାଦେଇ, ସମସ୍ତ ଦେଶ, ସମସ୍ତ ଜାତି ଓ ଭାଷାବାଦୀମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଆଜ୍ଞା ଦେଇଥିଲେ । (ମାଥିଉ ୨୮:୧୯,୨୦ ଓ ମାର୍କ ୧୬:୧୬) ତାହାଙ୍କ ଶିଷ୍ୟବୃନ୍ଦରେ ନାରୀମାନଙ୍କ ସ୍ଥାନ ନଥିଲା ଆମ୍ଭେମାନେ ଜାଣୁ ।

ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ପ୍ରେରିତମାନେ ଉପସ୍ଥିତ ଥିଲେ ବୋଲି ପ୍ରେରିତମାନଙ୍କ କାର୍ଯ୍ୟାବଳୀର ୨ୟ ଅଧ୍ୟାୟରେ ପଢ଼ିଥାଉଁ । ସେହି ପୁରୁଷମାନେ ସେଦିନ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ଉପସ୍ଥିତ ଜନତାକୁ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ । ତାହାଙ୍କ ପ୍ରଚାରର ପ୍ରତିଫଳନ ସେଦିନ ତିନି ସମସ୍ର ଯିହୂଦୀ ପୁରୁଷ ଓ ସ୍ତ୍ରୀ ବିଶ୍ୱାସ, ମନ ପରିବର୍ତ୍ତନ ଓ ଖ୍ରୀଷ୍ଟଙ୍କୁ ସ୍ୱୀକାର କରି ତାହାଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ସେମାନଙ୍କୁ ଯୀଶୁଖ୍ରୀଷ୍ଟ ଆପଣା ମଣ୍ଡଳୀରେ ସଂଯୁକ୍ତ କଲେ । (ପ୍ରେରିତ ୨ୟ ଅଧ୍ୟାୟ ପଢ଼ନ୍ତୁ)

ତଦ୍‌ପରେ, ସାଧୁ ଓ ସୁଖ୍ୟାତିପ୍ରାପ୍ତ ସାତଜଣ ପୁରୁଷ ପ୍ରେରିତମାନଙ୍କ ଦ୍ୱାରା ମଣ୍ଡଳୀର ସେବାକାର୍ଯ୍ୟ ନିମନ୍ତେ ଅଭିଷିକ୍ତ ହୋଇଥିଲେ ।

ପ୍ରେରିତ ମାନଙ୍କ କାର୍ଯ୍ୟାବଳୀର ପୁସ୍ତକର ପ୍ରତ୍ୟେକ ପୃଷ୍ଠା ସୁସମାଚାର ପ୍ରଚାର କାର୍ଯ୍ୟରେ ପୁରୁଷମାନେ ହିଁ କିପରି ନେତୃତ୍ୱ ନେଇଥିଲେ, ତାହାର ସାକ୍ଷ୍ୟ ଦିଏ । ଅତଏବ, ମଣ୍ଡଳୀର ପରିଚର୍ଯ୍ୟାର ଭାର ପୁରୁଷମାନଙ୍କ ଉପରେ ନ୍ୟସ୍ତ ହୋଇଅଛି ବୋଲି ଉପରୋକ୍ତ ବାକ୍ୟମାନଙ୍କ ଠାରୁ ଜାଣିପାରୁ । ସର୍ବସାଧାରଣଙ୍କୁ ସୁସମାଚାର ପ୍ରଚାର କରିବାରେ, ମଣ୍ଡଳୀରେ ପ୍ରାର୍ଥନା କରିବାରେ ଗୀତ ଚାଳନାରେ କିଅବା ପ୍ରଭୁଭୋଜ ମେଜ ପରିଚର୍ଯ୍ୟାରେ ନାରୀମାନଙ୍କ କୌଣସି ପାତ୍ର ନଥିଲା । ପରମେଶ୍ୱର ନେତୃତ୍ୱର ଭାର ପୁରୁଷମାନଙ୍କୁ ଦେଇଅଛନ୍ତି । ତାହାଙ୍କ ଆଜ୍ଞା ପାଳନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ପୁରୁଷମାନଙ୍କ କାର୍ଯ୍ୟାବଳୀରେ ତୁଷ୍ଟ ହୋଇ, ନାରୀମାନଙ୍କ ପାତ୍ର ନାସ୍ତି କରେ ବୋଲି ଅନେକଙ୍କ ମନୋଭାବ । କିନ୍ତୁ ବାକ୍ୟ କହେ, ''ସ୍ତ୍ରୀ ପୂର୍ଣ୍ଣବଶତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ । ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ ଅବା ପୁରୁଷ ଉପରେ କର୍ତ୍ତାପଣ କରିବା ପାଇଁ ଅନୁମତି ଦେଉନାହିଁ, ମାତ୍ର ସେ ମୌନ ରହୁ । କାରଣ ପ୍ରଥମେ ଆଦମ ସୃଷ୍ଟ ହେଲେ, ତାହାପରେ ହବା, ଆଉ ଆଦମ ପ୍ରବଞ୍ଚିତ ହୋଇନଥିଲେ, ମାତ୍ର ନାରୀ ପ୍ରବଞ୍ଚିତା ହୋଇ ଆଜ୍ଞା ଲଂଘନ ଦୋଷରେ ଦୋଷୀ ହେଲେ ।'' (୧ମ ତୀମଥି ୨:୪)

ନାରୀ ମୌନ ରହିବା ସାମାଜିକ ନିୟମ ନୁହେଁ, କିନ୍ତୁ ଏହା ଐଶ୍ୱରିକ ନିୟମ ଅଟେ । ସାଧୁମାନଙ୍କ ସମସ୍ତ ମଣ୍ଡଳୀରେ ଯେପରି ହୋଇଥାଏ, ସେହିପରି ସ୍ତ୍ରୀଲୋକମାନେ ମଣ୍ଡଳୀରେ ନୀରବ ରହନ୍ତୁ, ଯେଣୁ କଥା କହିବା ପାଇଁ ସେମାନେ ଅନୁମତି ପାଇନାହାନ୍ତି, ବରଂ ବ୍ୟବସ୍ଥାର ଉକ୍ତ ଅନୁସାରେ ସେମାନେ ବଶୀଭୂତା ହୋଇ ରହନ୍ତୁ ।'' (୧ମ କରିନ୍ଥୀ ୧୪:୩୪)

ପୁରାତନ ନିୟମ ସମୟରେ ପରିବାର ମୁଖ୍ୟ ପୁରୁଷ ସହିତ ପରମେଶ୍ୱର କଥା କହୁଥିଲେ । ପୁରୁଷମାନଙ୍କ ଦ୍ୱାରା ଧର୍ମଶାସ୍ତ୍ର ଲିଖନ ହୋଇଥିଲା । ଇଶ୍ରାଏଲକୁ ପାଳନ କରିଥିବା ପ୍ରତ୍ୟେକ ରାଜା, ଯାଜକ ଓ ବିଚାରକର୍ତ୍ତାମାନେ (ଏକ ସ୍ତ୍ରୀ ବ୍ୟତୀତ) ପୁରୁଷ ଥିଲେ । ଇଶ୍ରାଏଲରେ ସେ ସମୟରେ ସାହସବାନ ପୁରୁଷର ଅଭାବରୁ ଜଣେ ଦେବୋରା ନାମ୍ନୀ ସ୍ତ୍ରୀ ବିଚାରକର୍ତ୍ତା ରୂପେ ନିଯୁକ୍ତ ହୋଇଥିଲେ । ନେତୃତ୍ୱ ବହନକାରୀ ପୁରୁଷର, ସାହାଯ୍ୟକାରିଣୀ ରୂପେ ପରମେଶ୍ୱର ସ୍ତ୍ରୀକୁ ସୃଷ୍ଟି କରିଥିଲେ । ତାହାଙ୍କ ଆଚଞ୍ଚା ବଦଳାଇବାରେ ଅଧିକାର ପରମେଶ୍ୱର କାହାକୁ ଦେଇନାହାନ୍ତି ।

ନାରୀମାନେ ଆପଣା କାର୍ଯ୍ୟକ୍ଷେତ୍ରରୂପକ ଗୃହ ପରିତ୍ୟାଗ କରି ଯେତେବେଳେ ବାହ୍ୟଜଗତରେ ପଦକ୍ଷେପ କରିବା ସମୟ ଠାରୁ ପାରିବାରିକ ଜୀବନ ଅବହେଳିତା ହେଲା, ପୁରୁଷମାନଙ୍କ କାର୍ଯ୍ୟକ୍ଷେତ୍ରରେ ସ୍ତ୍ରୀ ପ୍ରବେଶ କରିବା ଯୋଗୁଁ, ଈଶ୍ୱର ଦତ୍ତ କର୍ତ୍ତବ୍ୟ ସେମାନେ ସଠିକ୍‌ଭାବେ ପାଳନ କରି ପାରୁନାହାନ୍ତି । ଆପଣା ପରିବାରର ଭରଣପୋଷଣରେ ଅବହେଳା କରୁଅଛନ୍ତି । ଏପରି ପୁରୁଷ ଓ ନାରୀମାନେ ଈଶ୍ୱରଦତ୍ତ ଭାର ସଠିକ୍ ଭାବେ ବହନ ନକରୁଥିବାରୁ ପରିବାର, ସମାଜ ଓ ସାରାଜଗତ କଷ୍ଟ ଭୋଗୁଅଛନ୍ତି । ଆସ ଆମ୍ଭେମାନେ ଈଶ୍ୱରଙ୍କ ଯୋଜନାନୁଯାୟୀ ପୁରୁଷମାନେ କର୍ତ୍ତବ୍ୟର ଭାର ଓ ନାରୀମାନେ ପରିବାର ଭାର ବହନ କରୁ ।

ତେବେ ପରମେଶ୍ୱରଙ୍କ ମଣ୍ଡଳୀରେ ନାରୀର ପାତ୍ର କଅଣ ? ପ୍ରୀସ୍କିଲା ଓ ତାହାଙ୍କ ସ୍ୱାମୀ ଆକ୍ୱିଲା, ବର୍ଣ୍ଣବାକୁ ଆପଣାମାନଙ୍କ ସଙ୍ଗରେ ଆପଣା ଗୃହରେ ପ୍ରଭୁଙ୍କ ମାର୍ଗ ବିଷୟରେ ସୂକ୍ଷ୍ମରୂପେ ବୁଝାଇ ଦେଇଥିଲେ । ନାରୀମାନଙ୍କ ଗୃହରେ ମଣ୍ଡଳୀ ସମାବେଶ ହେଉଥିବା ବିଷୟ ଆମ୍ଭେମାନେ ରୋମୀୟ ୧୬ମ ଅଧ୍ୟାୟରେ ପଢ଼ିଥାଉଁ । ସୁସମାଚାର ପ୍ରଚାରରେ ନାରୀମାନଙ୍କ ସାହାଯ୍ୟକାରୀ ହସ୍ତ ଥିଲା । ସ୍ତ୍ରୀମାନଙ୍କ ଓ ବାଳକବାଳିକାମାନଙ୍କୁ ସ୍ତ୍ରୀମାନେ ଶିକ୍ଷା ଦେଇପାରନ୍ତି । (ତିତସ ୨:୩-୫) ଗୃହକାର୍ଯ୍ୟ ପରିଚାଳନାର ଭାର ନାରୀମାନଙ୍କ ଉପରେ ପରମେଶ୍ୱର ଥୋଇଅଛନ୍ତି । (୧ମ ତୀମଥି ୫:୧୪) ତାହାଙ୍କ ଆଜ୍ଞାପାଳନକାରୀ ପ୍ରତ୍ୟେକ ଆଶୀର୍ବାଦ ପ୍ରାପ୍ତ ହେବେ ।

**- J.C. Choate**

❋❋❋

# ଈଶ୍ୱରଙ୍କ ବାକ୍ୟ
## (The Word of God)

ଖ୍ରୀଷ୍ଟିୟାନମାନେ ଫଳ ଫଳିବା ନିମନ୍ତେ ଆହୂତ ହୋଇଅଛନ୍ତି । ଫଳ ଫଳିବା ନିମନ୍ତେ ପ୍ରଥମେ ବୀଜ ବପନ ଆବଶ୍ୟକ । ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଈଶ୍ୱରଙ୍କ ବାକ୍ୟ ହିଁ ବୀଜ ଅଟେ ।

ମନୁଷ୍ୟମାନଙ୍କ ହୃଦୟରେ ସ୍ଥାନ ପାଇଥିବା ବାକ୍ୟର ଧ୍ୟାନ ଦ୍ୱାରା ମନୁଷ୍ୟ ଖ୍ରୀଷ୍ଟିୟାନ ଜୀବନ ନିମନ୍ତେ ଶକ୍ତି ସଂଗ୍ରହ କରେ । "..........ମାତ୍ର ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ, ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ୍ୟ ହେବ, ପୁଣି, ସେ ଯାହା କରେ, ତାହା ସଫଳ ହେବ ।" (ଗୀତ ୧:୨-୩)

ଏହି ବାକ୍ୟରେ, ଫଳପ୍ରଦ ଖ୍ରୀଷ୍ଟିୟାନ ଜୀବନର ସୂତ୍ର ସୁସ୍ପଷ୍ଟ ହୁଏ :- ଦିବାରାତ୍ର ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା । ତତ୍‌ଫଳେ, ନଦୀତୀରର ବୃକ୍ଷ ନ ଶୁଖି ଯେପରି ଫଳ ଫଳିବା ପାଇଁ ବୃଦ୍ଧି ପାଏ ଏବଂ ଫଳ ଉତ୍ପାଦନ କରେ ସେହିପରି ବାକ୍ୟ ଧ୍ୟାନକାରୀମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଉତ୍ପାଦନ କରନ୍ତି । ତୃତୀୟରେ ଯେଉଁ ବୃକ୍ଷର ପତ୍ର ମଳିନ ନ ହୁଏ ତାହାର ସଦୃଶ୍ୟ ସୁନ୍ଦର, ସବୁଜ ଖ୍ରୀଷ୍ଟିୟାନମାନେ ଯେଉଁ କାର୍ଯ୍ୟ କରନ୍ତି ସଫଳ ହୁଅନ୍ତି ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଦିନକୁ ଦିନ ଖ୍ରୀଷ୍ଟଙ୍କ ଜ୍ଞାନରେ ବୃଦ୍ଧି ପାଇବା ଆବଶ୍ୟକ । ଏକ ଶିଶୁର ବୃଦ୍ଧି ନିମନ୍ତେ ଶାରୀରିକ ଖାଦ୍ୟ ଯେପରି ଆବଶ୍ୟକ, ଆତ୍ମୀୟ ଶିଶୁମାନଙ୍କ ବୃଦ୍ଧି ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆବଶ୍ୟକ । ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କ ପ୍ରେରିତ ପାଉଲ କହନ୍ତି, "ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କ ଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି, ସେ ତୁମ୍ଭମାନଙ୍କୁ ନିଷ୍ଠାବାନ୍ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି ।" (ପ୍ରେରିତ ୨୦:୩୨)

ଆଦି ଖ୍ରୀଷ୍ଟିୟ ସମାଜରେ ଅନେକ ଭ୍ରାନ୍ତ ଶିକ୍ଷା ସ୍ଥାନ ପାଇଅଛି । ବାକ୍ୟଧ୍ୟାନ ଦ୍ୱାରା ଆମ୍ଭେମାନେ ଭ୍ରାନ୍ତ ଶିକ୍ଷା ଠାରୁ ଓ ପାପ ଠାରୁ ଆପଣାକୁ ପୃଥକ୍ ରଖି ପାରିବା ।

"କିନ୍ତୁ ଦୁଷ୍ଟ ଲୋକେ ଓ ପ୍ରବଞ୍ଚକମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ଦୁଷ୍ଟ ହୋଇ ଉଠିବେ । କିନ୍ତୁ ତୁମ୍ଭେ ଯାହା ଯାହା ଶିକ୍ଷା କରିଅଛ, ଆଉ ଯେ ସମସ୍ତ

ବିଷୟର ନିଶ୍ଚିତବୋଧ ପାଇଅଛ, ସେ ସବୁରେ ସ୍ଥିର ହୋଇ ରହିଥାଅ, କାରଣ ତୁମ୍ଭେ ଜାଣୁଅଛ, କେଉଁମାନଙ୍କ ଠାରୁ ସେହିସବୁ ଶିକ୍ଷା କରିଅଛ, ପୁଣି ଯେଉଁ ଧର୍ମଶାସ୍ତ୍ର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ତୁମ୍ଭଙ୍କୁ ପରିତ୍ରାଣଜନକ ଜ୍ଞାନ ଦେବାକୁ ସମର୍ଥ, ତାହା ତୁମ୍ଭେ ବାଲ୍ୟକାଳରୁ ଜ୍ଞାତ ଅଛ । ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।'' (୨ୟ ତୀମଥି ୩:୧୩-୧୭)

ଈଶ୍ୱରଙ୍କ ବାକ୍ୟ ଧ୍ୟାନ ନ କରିବାରେ ଅବହେଳା କଲେ ମନୁଷ୍ୟ ଭ୍ରାନ୍ତ ଶିକ୍ଷାର ଶିକାର ହୁଏ । ଶୟତାନ ସେମାନଙ୍କ ହୃଦୟରେ ଅଜାଣତରେ ପ୍ରବେଶ କରିଥାଏ । ଏପରି ଆପଦରୁ ଆପଣାକୁ ଆମେ କିପରି ରକ୍ଷା କରିବା ଗୀତରଚକ ଆମ୍ଭମାନଙ୍କୁ ଜଣାନ୍ତି, ''ମୁଁ ଯେପରି ତୁମ୍ଭ ପାପ ନକରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।'' (ଗୀତ ୧୧୯:୧୧)

ଆପଣଙ୍କ ଖ୍ରୀଷ୍ଟିୟାନ ଜୀବନ ନିଷ୍ଫଳ ହେବା କି ଆପଣ ଇଚ୍ଛା କରନ୍ତି ? ତା'ହେଲେ ଈଶ୍ୱରଙ୍କ ବାକ୍ୟ ଧ୍ୟାନରେ ଅବହେଳା ନକଲେ ଆପଣ ଆପଣା ଲକ୍ଷ୍ୟ ସାଧନ କରିପାରିବେ ! ଯଦି ଆପଣ ଫଳପ୍ରଦ ଜୀବନ ଓ ନିତ୍ୟ ଜୀବନ ଆକାଂକ୍ଷା କରନ୍ତି, ଈଶ୍ୱରଙ୍କ ବାକ୍ୟ ଧ୍ୟାନ ଆପଣଙ୍କ ଦୈନିକ ଜୀବନର ଶ୍ରେଷ୍ଠ ସ୍ଥାନ ପାଉ ।

**- Tom Keton**

❋❋❋

# ଐଶ୍ୱରିକତ୍ୱର ମର୍ମ
## (The Essence of Godhead)

ବାଇବଲ ସର୍ବପ୍ରଥମେ ଏବ୍ରୀ ଭାଷାରେ ଲିଖିତ ହୋଇଥିଲା । ଏହି ଭାଷାରେ ଈଶ୍ୱରଙ୍କୁ Elohim ରୂପେ ବର୍ଣ୍ଣିତ କରାଯାଏ । Elohim ଏକ ବହୁବଚନ ପଦ ଯାହାର ଅର୍ଥ, ''ମହାମହିମା ଗଣ'' । ଏହାର ଅର୍ଥ, ଅନେକ ଦେବତାଗଣ ନୁହେଁ, କାରଣ ବାଇବଲ କେବଳ ଏକମାତ୍ର ଈଶ୍ୱର ବିଷୟରେ କହେ । (ଦ୍ୱି:ବି ୬:୪, ଯିଶାଇୟ ୪୪:୬, ୧ମ କରିନ୍ଥୀ ୮:୪) ବହୁଳ ଐଶ୍ୱରିକତ୍ୱର ଐକତ୍ୱକୁ Elohim ବୋଲି ବର୍ଣ୍ଣନା କରାଯାଏ ।

ଯୀଶୁଖ୍ରୀଷ୍ଟ ଏ ଜଗତରେ ଥିବାବେଳେ, ଈଶ୍ୱରଙ୍କୁ ''ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା''

ରୂପେ ସମ୍ବୋଧନ କରିବା ନିମନ୍ତେ କହିଥିଲେ (ମାଥିଉ ୬:୯) ଖ୍ରୀଷ୍ଟ ଆପେ ଈଶ୍ୱରଙ୍କୁ 'ପିତା' ବୋଲି ଡାକୁଥିଲେ । (ମାଥିଉ ୧୧:୨୫-୨୭, ଯୋହନ ୬:୨୭) । ସେହି ପିତା ଆଦିରେ ଆକାଶମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ । (ଆଦି ୧:୧) ଈଶ୍ୱର ଏହି ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଜଗତର ପରିତ୍ରାଣ ନିମନ୍ତେ ଆପଣା ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । (୧ମ ଯୋହନ ୪:୧୦)

ବାଇବଲ ଅନୁଯାୟୀ, ପୁତ୍ର ମଧ୍ୟ ସେହି ଐଶ୍ୱରିକତ୍ୱର ଅଂଶ ଅଟନ୍ତି । ସେ କୌଣସି ଭାବେ ଦ୍ୱିତୀୟ ନୁହନ୍ତି କିନ୍ତୁ ଐଶ୍ୱରିକତ୍ୱର ଏକ ବ୍ୟକ୍ତିତ୍ୱ ଅଟନ୍ତି । ବାକ୍ୟ କହେ, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା, ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି । ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହୋଇନାହିଁ ... ... ଆଉ, ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ । (ଯୋହନ ୧:୧-୩, ୧୪) । ଯେଉଁ ବାକ୍ୟ ଈଶ୍ୱରଙ୍କ ସହିତ ଥିଲେ, ସେ ମାନବରୂପ ଧାରଣ କରିଥିଲେ, ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହୋଇଅଛି । ''ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କଲେ'' (ଆଦି ୧:୧) ପଦଦ୍ୱାରା ବାଇବଲ ଲେଖନୀ ଆରମ୍ଭ ହୁଏ । ସେ ଈଶ୍ୱରରୂପୀ ହେଲେ ହେଁ ଐଶ୍ୱରିକତ୍ୱ ତ୍ୟାଗ କରି ମନୁଷ୍ୟରୂପ ସଦୃଶ୍ୟ ହୋଇ ଦାସ ରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ । (ଫିଲିପ ୨:୬-୭) ରୋମୀୟ ୯:୫ ପଦରେ ପାଉଲ, ତାହାଙ୍କ ବିଷୟରେ କହନ୍ତି, ''.......ଆଉ ଶାରୀରିକ ଭାବେ ସେମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଉତ୍ପନ୍ନ, ସେହି ସର୍ବାଧିପତି ଈଶ୍ୱର ଯୁଗେ ଯୁଗେ ଧନ୍ୟ, ଆମେନ୍ ନା ''ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର, ଏହି ଜଗତରେ ଆପଣା ମଣ୍ଡଳୀ ସ୍ଥାପନ କରିବେ ବୋଲି ପ୍ରତିଜ୍ଞା କରି (ମାଥିଉ ୧୬:୧୮), ସ୍ଥାପନ କରିଥିଲେ । (ପ୍ରେରିତ ୨:୩୭-୪୭) । ଏଫିସୀ ମଣ୍ଡଳୀର ପ୍ରାଚୀନ ମାନଙ୍କୁ ପାଉଲ କହନ୍ତି, ''ତୁମ୍ଭେମାନେ ନିଜ ନିଜ ବିଷୟରେ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକୁ ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷ ସ୍ୱରୂପେ ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ ସାବଧାନ୍ ହୋଇଥାଅ'' (ପ୍ରେରିତ ୨୦:୨୮) ଖ୍ରୀଷ୍ଟ ଆପଣା ମଣ୍ଡଳୀ ଗଢ଼ିବେ ବୋଲି ପ୍ରତିଜ୍ଞା କରିଥିଲେ ଓ ସେହି ମଣ୍ଡଳୀ ନିମନ୍ତେ ସେ ଆପଣା ପ୍ରାଣଦାନ କରିଥିଲେ । (ଏଫିସୀ ୫:୨୫) କିନ୍ତୁ ଉପରୋକ୍ତ ବାକ୍ୟରେ ଉକ୍ତ

ପାଉଲ ଈଶ୍ୱର ମଣ୍ଡଳୀ ନିମନ୍ତେ ଆପଣା ରକ୍ତ ଢ଼ାଳି ଦେଇଥିଲେ ବୋଲି କହୁଅଛନ୍ତି । ପବିତ୍ର ଆତ୍ମାଙ୍କ ପ୍ରାଧାନ୍ୟତା ମଧ୍ୟ ଏହି ବାକ୍ୟରେ ପ୍ରକଟିତ ହୁଏ । ଈଶ୍ୱର ମଣ୍ଡଳୀ ରୂପେ ତାହାଙ୍କ ଗୃହର କର୍ତ୍ତା ଅଟନ୍ତି, ମସ୍ତକ ଅଟନ୍ତି । ତାହାଙ୍କ ଇଚ୍ଛାନୁଯାୟୀ ଲୋକମାନଙ୍କୁ ନିଯୁକ୍ତ କରିବାକୁ ତାହାଙ୍କୁ ସର୍ବାଧିକାର ଅଛି । ମଣ୍ଡଳୀର ପ୍ରତିପାଳନ ନିମନ୍ତେ ପବିତ୍ର ଆତ୍ମା ଅଧ୍ୟକ୍ଷମାନଙ୍କୁ ନିଯୁକ୍ତ କରନ୍ତି, କାରଣ ପବିତ୍ର ଆତ୍ମା ମଧ୍ୟ ଈଶ୍ୱର ଅଟନ୍ତି ।

ଆକାଶ ମଣ୍ଡଳ ଓ ପୃଥିବୀର ସୃଷ୍ଟି ସମୟରେ ବାକ୍ୟରୂପୀ ପୁତ୍ର ପରମେଶ୍ୱରଙ୍କ ସଦୃଶ୍ୟ ପବିତ୍ର ଆତ୍ମା ସଦାପ୍ରଭୁଙ୍କ ସହିତ ଥିଲେ । (ଆଦି ୧:୨) । ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ସେହି ବାକ୍ୟରୂପୀ ପରମେଶ୍ୱର ଏକ କନ୍ୟା ଦ୍ୱାରା ଏହି ଜଗତକୁ ଶରୀର ଧାରଣ କରି ଅବତରଣ କରିଥିଲେ । ମାଥିଉ ୧ ଓ ୨ମ ଅଧ୍ୟାୟ ଏବଂ ଲୂକ ୨ୟ ଅଧ୍ୟାୟରେ ଏହି ତିନି ଐଶ୍ୱରୀକ ବ୍ୟକ୍ତିତ୍ୱ କିପରି ମିଳିତ ଭାବେ କାର୍ଯ୍ୟ କରିଥିଲେ, ପଢ଼ି ପାରିଥାଉଁ । ତିରିଶି ବର୍ଷ ବୟସର ଯୀଶୁଖ୍ରୀଷ୍ଟ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ସମୟରେ ପିତା ପରମେଶ୍ୱର ଓ ପବିତ୍ର ଆତ୍ମାଙ୍କ ଉପସ୍ଥିତି ମଧ୍ୟ ଉପଲବ୍ଧ କରୁ । ପ୍ରଭୁ ଯୀଶୁ ବାପ୍ତିଜକ ନେଇ ଜଳ ମଧ୍ୟରୁ ଉଠି ଆସିବା ସମୟରେ,"......ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।" (ମାଥିଉ ୩:୧୬,୧୭) । ବାକ୍ୟରୂପୀ ଈଶ୍ୱରଙ୍କୁ ପିତା ପରମେଶ୍ୱର ଏହି ଜଗତକୁ ପ୍ରେରଣ କଲେ, ପବିତ୍ର ଆତ୍ମାଙ୍କ ଶକ୍ତିରେ କନ୍ୟା ମରିୟମ ଗର୍ଭଧାରଣ କରି, ଜଗତର ପରିତ୍ରାଣ ନିମନ୍ତେ ଏହି ଜଗତରେ ଜନ୍ମ ନେଇଥିଲେ । ଏହା ଐଶ୍ୱରୀକତ୍ୱ ଶକ୍ତିର ମିଳିତ ଯୋଜନାର ପ୍ରତିଫଳ ।

ପିତା ପରମେଶ୍ୱର, ବାକ୍ୟରୂପୀ ପୁତ୍ର ପରମେଶ୍ୱର ଓ ସାହାଯ୍ୟକାରୀ ପବିତ୍ର ଆତ୍ମା ପରମେଶ୍ୱର (ଯୋହନ ୧୪:୨୬,୧୬:୭) 'ମହାମହିମ' ବା Elohim ଙ୍କର ତିନୋଟି ବ୍ୟକ୍ତିତ୍ୱ । Elohim ଦ୍ୱାରା ଏହି ଆକାଶ ଓ ପୃଥିବୀ ସୃଷ୍ଟି ହୋଇଥିଲା ଏବଂ ପରିତ୍ରାଣର ଯୋଜନା ଯୋଜିତ ହୋଇଥିଲା । ମନୁଷ୍ୟର ପରିତ୍ରାଣରେ ଏହି ତିନୋଟି ବ୍ୟକ୍ତିତ୍ୱର ବିଭିନ୍ନ ପାତ୍ର ରହିଅଛି । ପିତା ପରମେଶ୍ୱର ବାକ୍ୟରୂପୀ ଈଶ୍ୱରଙ୍କୁ ଜଗତର ପରିତ୍ରାଣ ନିମନ୍ତେ ଏହି ଜଗତକୁ ପ୍ରେରଣ କରିଥିଲେ । ତାହାଙ୍କ ଅଦ୍ୱିତୀୟ ପୁତ୍ର ଏହି ଜଗତରେ ଶରୀର ଧାରଣ କରି ଅନେକ ପରିଚର୍ଯ୍ୟା କରି, ଶିକ୍ଷା ଦେଇ କ୍ରୁଶରେ ହତ ହେଲେ । ସମାଧି ପ୍ରାପ୍ତ ହୋଇ ତୃତୀୟ ଦିନରେ ମୃତ୍ୟୁରୁ ଉତ୍ଥାପିତ ହେଲେ । ମୃତ୍ୟୁର ପୁନଃରୁତ୍ଥିତ ହୋଇ ସେ ଆପଣା ପିତାଙ୍କ ମହାମହିମା ନିକଟକୁ ଫେରିଯାଇ ପବିତ୍ର

ଆତ୍ମାଙ୍କୁ ଏହି ଜଗତକୁ ପ୍ରେରଣ କରିଅଛନ୍ତି । (ଯୋହନ ୧୪:୨୫,୨୬, ଯୋହନ ୧୬:୫-୧୫, ପ୍ରେରିତ ୧:୧-୮, ପ୍ରେରିତ ୨:୧-୪) ତଥାପି ଏହି ତିନୋଟି ବ୍ୟକ୍ତିତ୍ୱ ଏକ ପରମେଶ୍ୱର ଅଟନ୍ତି । ତେଣୁକରି ସ୍ୱର୍ଗାରୋହଣ ପୂର୍ବେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ କହିଲେ,".........ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" (ମାଥିଉ ୨୮:୧୮-୨୦) । ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ଉପସ୍ଥିତ ଜନତାକୁ ପିତର ଯେତେବେଳେ "......ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ । ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" ବୋଲି କହିଥିଲେ, ସେ ଖ୍ରୀଷ୍ଟଙ୍କ ବାକ୍ୟ ବିରୁଦ୍ଧରେ କହିନଥିଲେ । କାରଣ ଆମ୍ଭେମାନେ ଯାହା ଖ୍ରୀଷ୍ଟଙ୍କ ନାମରେ କରୁ ବା କହୁ, ତାହା ପିତା ପରମେଶ୍ୱର ଓ ପବିତ୍ର ଆତ୍ମାଙ୍କ ନାମରେ କରୁ ବା କହୁ । କାରଣ ପିତା, ପୁତ୍ର ଓ ପବିତ୍ର ଆତ୍ମା ଏକ ଅଟନ୍ତି । ଯେତେବେଳେ ହନନିୟ ଓ ଶଫୀରା ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ପ୍ରତିଜ୍ଞାତ ଧନ, ପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ନଦେଇ ଆପଣା ନିମନ୍ତେ ଲୁଚାଇ ରଖିବାରୁ ପିତର ତାହାଙ୍କୁ କହିଲେ,"......ହେ ହନନିୟ, ପବିତ୍ର ଆତ୍ମାଙ୍କ ନିକଟକୁ ମିଥ୍ୟା କହିବାକୁ ଓ ଭୂମିର ମୂଲ୍ୟରୁ କିଛି ଲୁଚାଇ ରଖିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି ? ବିକ୍ରୟ ନହେବା ପୂର୍ବେ ତାହା କଅଣ ତୁମ୍ଭ ନିଜର ହୋଇନଥିଲା ? ଆଉ, ବିକ୍ରୟ ହେବା ଉତ୍ତାରେ ସେଥିର ମୂଲ୍ୟ କି ତୁମ୍ଭ ନିଜ ଅଧିକାରରେ ନଥିଲା ? ତେବେ ତୁମ୍ଭେ କିପରି ଆପଣା ହୃଦୟରେ ଏହି ବିଷୟ ଭାବିଲ ? ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ ତାହା ନୁହେଁ, ମାତ୍ର ଈଶ୍ୱରଙ୍କ ନିକଟରେ ମିଥ୍ୟା କହିଲ ।" (ପ୍ରେରିତ ୫:୩,୪) ପ୍ରଥମେ ସେ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ ପାପ କଲ ବୋଲି କହି, ଶେଷରେ ଈଶ୍ୱରଙ୍କ ବିରୁଦ୍ଧରେ ପାପ କଲ ବୋଲି କହନ୍ତି । ପବିତ୍ର ଆତ୍ମାଙ୍କୁ ମିଥ୍ୟା କହିବା ଈଶ୍ୱରଙ୍କୁ ମିଥ୍ୟା କହିବା ସମାନ, କାରଣ ପବିତ୍ର ଆତ୍ମା ମଧ୍ୟ ଈଶ୍ୱର ଅଟନ୍ତି । ପ୍ରକାଶିତ ବାକ୍ୟରେ ଯୀଶୁଖ୍ରୀଷ୍ଟ, ଯୋହନଙ୍କୁ କହନ୍ତି,"ଯେ ବର୍ତ୍ତମାନ ତ ଭବିଷ୍ୟତ, ଯେ ସର୍ବଶକ୍ତିମାନ, ସେହି ପ୍ରଭୁ ଈଶ୍ୱର କହନ୍ତି, ଆମ୍ଭେ କ ଓ କ୍ଷ ।" (ପ୍ରକାଶିତ ୧:୮) ଖ୍ରୀଷ୍ଟଙ୍କ ଜନ୍ମର ଆଠ ଶହ ବର୍ଷ ପୂର୍ବେ ଯିଶାଇୟ ଭାବବାଦୀ ତାହାଙ୍କ ବିଷୟରେ କହନ୍ତି,

''ସଦାପ୍ରଭୁ, ଇଶ୍ରାଏଲର ରାଜା ଓ ତାହାର ମୁକ୍ତିଦାତା ସୈନାଧିପତି ସଦାପ୍ରଭୁ ଏହିକଥା କହନ୍ତି, ଆମ୍ଭେ ଆଦି ଓ ଅନ୍ତ, ପୁଣି ଆମ୍ଭ ଛଡ଼ା ପରମେଶ୍ୱର ଆଉ ନାହିଁ।'' (ଯିଶାଇୟ ୪୪:୬)

ଏକମାତ୍ର ପରମେଶ୍ୱର, ଯେ ପିତା, ପୁତ୍ର ଓ ପବିତ୍ର ଆତ୍ମା ଅଟନ୍ତି। ଆମ୍ଭେମାନେ ପୁତ୍ରଙ୍କ ଆଜ୍ଞା ପାଳନ କରିବାଦ୍ୱାରା, ପିତା ଓ ପବିତ୍ର ଆତ୍ମାଙ୍କ ଆଜ୍ଞା ମଧ୍ୟ ପାଳନ କରିଥାଉ । ଯେତେବେଳେ ଆମ୍ଭେ ଜଣଙ୍କର ଆଜ୍ଞା ପାଳନ କରୁ, ଆମ୍ଭେମାନେ ପ୍ରତ୍ୟେକଙ୍କର ଆଜ୍ଞା ପାଳନ କରୁ। ଆମ୍ଭେମାନେ ଯେତେ ଜଣକର ଅବଜ୍ଞା କରୁ, ସମସ୍ତଙ୍କୁ ଅବଜ୍ଞା କରୁ ।

**- Sunny David**

❋❋❋

# କ୍ଷମା କରିବା

## (Forgiveness)

''ଯୀଶୁ କହିଲେ, ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ।'' (ଲୂକ ୨୩:୩୪)

ଅଗ୍ନି ଓ ଗନ୍ଧକର ବର୍ଷା, ତାହାଙ୍କ ଅପରାଧି ମାନଙ୍କ ଉପରେ ନ ବର୍ଷାଇ, ଦୁଃଖ, କଷ୍ଟ, କ୍ଳେଶ, ଯାତନାଭୋଗୀ କ୍ରୁଶ ଉପରେ ଝୁଲୁଥିବା ସମୟରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ଏହି ପ୍ରାର୍ଥନା କରିଥିଲେ। ''.......ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ।'' (ଲୂକ ୨୩:୩୪)। ଯୀଶୁଖ୍ରୀଷ୍ଟଙ୍କର ଏହି ଐଶ୍ୱରିକ ସ୍ୱାଭାବ ଆମ୍ଭମାନଙ୍କ ଅନୁସରଣୀୟ । ସେ କ୍ରୋଧରେ ଧୀର ଓ ଦୟାରେ ମହାନ୍। ଆମ୍ଭମାନଙ୍କ ପାପ ପ୍ରମାଣେ ଆମ୍ଭମାନଙ୍କୁ ପ୍ରତି ସେ ବ୍ୟବହାର କରନ୍ତି ନାହିଁ। ବରଂ ସେ ଧୈର୍ଯ୍ୟଶୀଳ ଓ କ୍ଷମାର ଆକାର ଅଟନ୍ତି ।

ଜଗତର ଅନ୍ୟ ଧର୍ମନୀତି ''ଚକ୍ଷୁ ବଦଳେ ଚକ୍ଷୁ, ଓ ଦନ୍ତ ବଦଳେ ଦନ୍ତ'' ପ୍ରଚାର କରୁଥିବା ବେଳେ, ଖ୍ରୀଷ୍ଟଧର୍ମ କ୍ଷମାଗୁଣ ପ୍ରଚାର କରେ । ଘୃଣାଭାବ ଓ ପ୍ରତିଶୋଧ ଏହି ଜଗତରେ ଅନ୍ୟମାନଙ୍କ ଦ୍ୱାରା ପ୍ରଚାରିତ ହେବା ସମୟରେ, ଶତ୍ରୁମାନଙ୍କୁ ପ୍ରେମ କରିବାକୁ ଏବଂ ପ୍ରତିଶୋଧନ ନେବା ପରମେଶ୍ୱରଙ୍କର କାମ ବୋଲି ପବିତ୍ର ବାକ୍ୟ ଶିକ୍ଷା ଦିଏ । (୨ୟ ବିବରଣ ୩୨:୩୫ ଓ ଏବ୍ରୀ ୧୦:୩୦) । ରୋମୀୟ ୧୨:୧୯-୨୧ରେ

ଲେଖାଯାଏ, "ହେ ପ୍ରିୟମାନେ, ତୁମ୍ଭେମାନେ ନିଜେ ନିଜେ ପ୍ରତିଶୋଧ ନିଅ ନାହିଁ, କିନ୍ତୁ କ୍ରୋଧ ପାଇଁ ସ୍ଥାନ ଛାଡ଼ିଦିଅ, କାରଣ ଲେଖାଅଛି, 'ପ୍ରଭୁ କହନ୍ତି, ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା" ବରଂ ଯଦି ତୁମ୍ଭର ଶତ୍ରୁ କ୍ଷୁଧିତ, ତେବେ ତାକୁ ଭୋଜନ କରାଅ, ଯଦି ସେ ତୃଷିତ ତାକୁ ପାନ କରାଅ, କାରଣ ଏପରି କଲେ ତୁମ୍ଭେ ତା'ର ଉପରେ ଜ୍ୱଳନ୍ତା ଅଙ୍ଗାର ଗଦା କରିବ ।" (ହିତ ୨୫:୨୧,୨୨) କୁକ୍ରିୟାରେ ପରାଜିତ ନହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।

"ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର, ବୋଲି ପ୍ରଭୁଯୀଶୁ ଆପଣା ନମୂନା ପ୍ରାର୍ଥନାରେ ଶିଷ୍ୟମାନଙ୍କୁ ଶିକ୍ଷା ଦେଇଥିଲେ (ମାଥିଉ ୬:୧୨,୧୪, ଲୂକ ୧୧:୪) ।" କାରଣ ଯେବେ ଲୋକମାନଙ୍କର ଅପରାଧ ସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ, କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନକର, ତେବେ ତୁମ୍ଭମାନଙ୍କ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧସବୁ କ୍ଷମା କରିବେ ନାହିଁ ।" (୧୪ ଓ ୧୫ ପଦ) ଆମ୍ଭେମାନଙ୍କର ପ୍ରକୃତରେ ଅନ୍ୟମାନଙ୍କୁ କ୍ଷମା କରିବାର ଅଧିକାର ନାହିଁ, କେବଳ ସଦାପ୍ରଭୁ ହିଁ ଅପରାଧୀମାନଙ୍କୁ କ୍ଷମା କରିପାରନ୍ତି । କିନ୍ତୁ ଆମ୍ଭମାନଙ୍କ ବିରୁଦ୍ଧରେ ଅପରାଧ କରିଥିବା ଲୋକମାନଙ୍କ ବିରୁଦ୍ଧରେ ଆମ୍ଭମାନଙ୍କ ହୃଦୟ ସହନଶୀଳ ନହେଲେ, ଆମ୍ଭେମାନେ ସଦାପ୍ରଭୁଙ୍କ ଠାରୁ କ୍ଷମାପ୍ରାପ୍ତ ହୋଇପାରିବା ନାହିଁ ।

ଥରେ ପିତର ପ୍ରଭୁଙ୍କୁ ପଚାରିଲେ, "ହେ ପ୍ରଭୁ, କେତେଥର ମୋହର ଭାଇ ମୋ ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି ? କି ସାତ ଥର ପର୍ଯ୍ୟନ୍ତ ? ଯୀଶୁ ତାହାଙ୍କୁ କହିଲେ, "ତୁମ୍ଭକୁ କେବଳ ସାତଥର ପର୍ଯ୍ୟନ୍ତ କହୁନାହିଁ, ମାତ୍ର ସତୁରୀଗୁଣ ସାତଥର ପର୍ଯ୍ୟନ୍ତ ।" (ମାଥିଉ ୧୮:୨୧,୨୨) ଅର୍ଥାତ୍ ଅସଂଖ୍ୟ ଥର । ଯୀଶୁ ଏପରି କାହିଁକି କରିଥିଲେ ? ତାହାଙ୍କ ଶିକ୍ଷା ଆମ୍ଭମାନଙ୍କୁ କଅଣ କହେ ? ପାପୀ ମନୁଷ୍ୟ ଯେ ମୁଁ, ମୁଁ ଅସଂଖ୍ୟ ଥର ପାପ କରେ ଓ ତାହାଙ୍କ ରକ୍ତ ମୋତେ ଧୌତ କରୁଥାଏ । (୧ମ ଯୋହନ ୧:୭,୯) ଆମ୍ଭମାନଙ୍କ ପାପ ଯେପରି ବାରମ୍ବାର ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ ପରିଷ୍କୃତ ହେଉଥାଏ, ଆମ୍ଭେମାନେ ସେହିପରି ଆମ୍ଭମାନଙ୍କ ଅପରାଧିମାନଙ୍କୁ କ୍ଷମା କରୁ । ଏତଦ୍ୱାରା ଆମ୍ଭମାନଙ୍କ ହୃଦୟରେ ତିକ୍ତତା ମଧ୍ୟ ଦୂର ହୁଏ । ଯାହାକି ଆରୋଗ୍ୟଦାୟକ । ଆମ୍ଭେମାନେ ଯଦି ଆମ୍ଭମାନଙ୍କ ଅପରାଧିମାନଙ୍କୁ କ୍ଷମା ନକରୁ, ତେବେ ତିକ୍ତତାରେ ପୂର୍ଣ୍ଣ ହୃଦୟ ପ୍ରତିଶୋଧର ଜ୍ୱାଳାରେ ପ୍ରଜ୍ୱଳିତ ହୋଇ ଅନେକ ଅସୁସ୍ଥତାର କାରଣ ହୁଏ । ଏପରି ଜୀବନ କି ଆପଣ ଆକାଂକ୍ଷା କରନ୍ତି ? ଏପରି ଜୀବନରେ କି ପରମେଶ୍ୱର ତୁଷ୍ଟ

ଅଟନ୍ତି ? ନ୍ୟାୟ ବିଚାର କରିବା, ଦଣ୍ଡଦେବା, ପ୍ରତିଶୋଧ ନେବା ସଦାପ୍ରଭୁଙ୍କ ବଶ । ବାକ୍ୟ କହେ, "ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ । ହେ ପ୍ରିୟମାନେ ତୁମ୍ଭେମାନେ ନିଜେ ନିଜେ ପ୍ରତିଶୋଧ ନିଅ ନାହିଁ, କିନ୍ତୁ କ୍ରୋଧ ପାଇଁ ସ୍ଥାନ ଛାଡ଼ିଦିଅ, କାରଣ ଲେଖାଅଛି, "ପ୍ରଭୁ କହନ୍ତି, ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା, ବରଂ ଯଦି ତୁମ୍ଭ ଶତ୍ରୁ କ୍ଷୁଧିତ, ତେବେ ତାକୁ ଭୋଜନ କରାଅ, ଯଦି ସେ ତୃଷିତ ତାକୁ ପାନ କରାଅ, ଏହିପରି କଲେ ତୁମ୍ଭେ ତାର ମସ୍ତକ ଉପରେ ଜ୍ୱଳନ୍ତା ଅଙ୍ଗାର ଗଦା କରିବ ।" କୁକ୍ରିୟାରେ ପରାଜିତ ନହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।" (ରୋମୀୟ ୧୨:୧୮-୨୧)

**- Thomas R. Dohling**

❋❋❋

# ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନା ଜୀବନ

## (The Prayer Life of Jesus)

ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ସଙ୍ଗେ ସଙ୍ଗେ ଯୀଶୁ ପ୍ରାର୍ଥନା କରୁଥିବାର ବିଷୟ ଆମ୍ଭେମାନେ ଲୂକ ୩:୨୧ ପଦରେ ପଢ଼ିଥାଉଁ । ଯଦିଓ ତାହାଙ୍କ ନୀରବ ପ୍ରାର୍ଥନା ଅନ୍ୟମାନଙ୍କୁ ଶୁଣାଯାଇନଥିଲା, ତାହାଙ୍କ ପ୍ରାର୍ଥନା ସ୍ୱର୍ଗସ୍ଥ ପିତା ଶ୍ରବଣ କରିଥିଲେ । "ସମସ୍ତ ଲୋକ ବାପ୍ତିଜିତ ହେବା ଉତ୍ତାରେ ଯୀଶୁ ମଧ୍ୟ ବାପ୍ତିଜିତ ହୋଇ ପ୍ରାର୍ଥନା କରୁଥିବା ସମୟରେ ଆକାଶ ଉନ୍ମୁକ୍ତ ହେଲା, ପୁଣି ପବିତ୍ର ଆତ୍ମା ଦୈହିକ ଭାବେ କପୋତ ପରି ତାହାଙ୍କ ଉପରକୁ ଓହ୍ଲାଇ ଆସିଲେ । ଆଉ ଆକାଶରୁ ଏହି ବାଣୀ ହେଲା, ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର, ତୁମ୍ଭ ଠାରେ ଆମ୍ଭର ପରମ ସନ୍ତୋଷ ।" (ଲୂକ ୩:୨୧-୨୨)

ଯୀଶୁଙ୍କ ୩୩ ବର୍ଷର ଜୀବନରେ, କୌଣସି ଦିନ ମଧ୍ୟ ପ୍ରାର୍ଥନା ବିନୁ ଅସ୍ତ ହୋଇନଥିଲା । ଯୀଶୁଙ୍କ ଜୀବନର ଗୋଟିଏ ଘଟଣାରୁ ସେ ଶଯ୍ୟାରୁ ଉଠୁ ଉଠୁ ତାହାଙ୍କ କାର୍ଯ୍ୟ କଅଣ ଥିଲା ଜାଣିପାରୁ । ଥରେ ସେ ଶିମୋନ ପିତର ଆନ୍ଦ୍ରିୟଙ୍କ ଗୃହରେ ଅତିଥି ରୂପେ ରାତି ବିତାଇଥିଲେ । ସକାଳେ ଗୃହର ଲୋକେ ତାଙ୍କୁ ଶଯ୍ୟାରେ ନପାଇ ତାହାଙ୍କ ଅନୁସନ୍ଧାନ କଲେ, "ସାକ୍ଷାତ ପାଇ ତାହାଙ୍କୁ କହିଲେ, ସମସ୍ତେ ଆପଣଙ୍କର ଅନ୍ୱେଷଣ

କରୁଅଛନ୍ତି । (ମାର୍କ ୧:୩୬-୩୭) କାରଣ ଯୀଶୁ, "ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ସେ ଉଠି ବାହାରିଗଲେ ଓ ଗୋଟିଏ ନିର୍ଜନ ସ୍ଥାନକୁ ଯାଇ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ ।" (ମାର୍କ ୧:୩୬)

ଯଦିଓ ଯୀଶୁଖ୍ରୀଷ୍ଟ ବିନାଶପ୍ରାପ୍ତ ହେବା ଲୋକଙ୍କୁ ଖୋଜି ପରିତ୍ରାଣ ଦେବା ନିମନ୍ତେ ଏ ଜଗତକୁ ଆସିଥିଲେ, (ଲୁକ ୧୯:୧୦), ସେ ନିରୋଳାରେ ବ୍ୟକ୍ତିଗତ ଭାବେ ପିତା ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ । ଅନେକ ସମୟରେ ସେ ନିରୋଳାରେ ପର୍ବତ ଉପରେ ପ୍ରାର୍ଥନା କରୁଥିଲେ । (ଲୁକ ୬:୧୨, ମାର୍କ ୬:୪୬, ଯୋହନ ୬:୧୫) ସ୍ତ୍ରୀ ଓ ବାଳକବାଳିକା ବ୍ୟତୀତ ପାଞ୍ଚ ହଜାର ପୁରୁଷଙ୍କୁ ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ତୃପ୍ତ ଭାବେ ଭୋଜନ କରାଇ, ଏକାନ୍ତ ଭାବେ ପ୍ରାର୍ଥନା କରିବାକୁ ପର୍ବତ ଉପରକୁ ଯାଇଥିଲେ । (ମାଥିଉ ୧୪:୧୯-୨୩) ଅନ୍ୟ ଏକ ସମୟରେ, "........ବହୁ ସଂଖ୍ୟକ ଲୋକ ଶୁଣିବା ନିମନ୍ତେ ଓ ଆପଣା ଆପଣା ରୋଗରୁ ସୁସ୍ଥ ହେବା ନିମନ୍ତେ ଏକତ୍ର ହେବାକୁ ଲାଗିଲେ, ମାତ୍ର ସେ ନିର୍ଜନ ସ୍ଥାନରେ ରହି ପ୍ରାର୍ଥନା କରୁଥିଲେ । (ଲୁକ ୫:୧୫-୧୬)

ଆପଣା ବ୍ୟତୀତ ପ୍ରାର୍ଥନାରେ ପିତର ନିମନ୍ତେ ପ୍ରାର୍ଥନା କରିବାର ବିଷୟ ଆମ୍ଭେ ଲୁକ ୨୨:୩୧,୩୨ ପଦରେ ପଢ଼ିପାରୁ । ଯାହା କହେ,"ଶିମୋନ, ଶିମୋନ, ଦେଖ ଗହମକୁ ଚାଲୁଣୀରେ ଚଲାଇବା ପରି ଶୟତାନ ତୁମ୍ଭମାନଙ୍କୁ ଚଲାଇବାକୁ ଅନୁମତି ପାଇଅଛି କିନ୍ତୁ ତୁମ୍ଭର ବିଶ୍ୱାସ ଯେପରି ଲୋପ ନହୁଏ, ଏଥି ନିମନ୍ତେ ମୁଁ ତୁମ୍ଭ ନିମନ୍ତେ ନିବେଦନ କଲି ପୁଣି, ତୁମ୍ଭେ ଫେରିଲା ଉତ୍ତାରେ ଆପଣା ଭାଇମାନଙ୍କୁ ସୁସ୍ଥିର କର ।"

ତାହାଙ୍କ ବ୍ୟକ୍ତିଗତ ଦୈନିକ ପ୍ରାର୍ଥନା ସଙ୍ଗେ ସଙ୍ଗେ ସେ ଭୋଜନ କରିବା ପୂର୍ବେ ମଧ୍ୟ ପିତା ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଥିଲେ । ଯାହାର ଉଦାହରଣ ଆମେ ମାଥିଉ ୧୪:୧୯, ୧୫:୩୬, ଯୋହନ ୬:୧୧ ପଦଗୁଡ଼ିକ, ତଥା ମାଥିଉ ୨୬:୨୬-୨୭, ଲୁକ ୨୨:୧୭,୧୯, ୨୪:୩୦ ଗୁଡ଼ିକରେ ପଢ଼ିପାରୁ ।

"ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟସାଧନ କରେ" ବୋଲି ଜାଣି (ଯାକୁବ ୫:୧୬), ଆପଣା ପ୍ରାଣ ମୃତ୍ୟୁଭୋଗ ଏକାନ୍ତ ଭାବେ ଥେସଲନୀକୀ ତୋଟାରେ ଜାନୁପାତି ପ୍ରାର୍ଥନା କରିଥିଲେ । (ମାର୍କ ୧୪:୩୪, ମାଥିଉ ୨୬:୩୬) "........ଆବ୍ବା, ପିତଃ, ସମସ୍ତ ତୁମ୍ଭର ସାଧ୍ୟ, ଏହି ପାନପାତ୍ର ମୋ ଠାରୁ ଦୂର କର, ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ।" (ମାର୍କ ୧୪:୩୬)

ଏହି ପାନପାତ୍ର ସୁଖର ଆନନ୍ଦର ପାନପାତ୍ର ନୁହେଁ, କିନ୍ତୁ ମର୍ମାନ୍ତିକ ଦୁଃଖ ଓ କ୍ଳେଶର ପାନପାତ୍ର । ତାହାଙ୍କ ଦୁଃଖ, କ୍ଳେଶ ଅତ୍ୟନ୍ତ ମର୍ମାନ୍ତିକ ଥିଲା । ସେ ଏକାଗ୍ରଭାବରେ ପ୍ରାର୍ଥନା କରିବା ସମୟରେ ତାହାଙ୍କ ଝାଳ ଘନ ରକ୍ତଟୋପା ପରି ଭୂଇଁରେ ପଡ଼ିଲା । ସମୁଦ୍ରରୁ ୨୫୦୦ ଫୁଟ ଉଚ୍ଚ ପର୍ବତ ଉପରେ, ରାତ୍ରି, ସମୟରେ କାହିଁକି ଝାଳ ବହି ପଡ଼ିଥିଲା ? ଯେ ତାହାଙ୍କୁ କ୍ରୁର ମୃତ୍ୟୁ ଠାରୁ ରକ୍ଷା କରିପାରିବାର ସମର୍ଥ, ତାହାଙ୍କ ନିକଟରେ ସେ ବିନତୀ କରି ଅଶ୍ରୁଜଳ ସହ ପ୍ରାର୍ଥନା କରିଥିଲେ । (ଏବ୍ରୀ ୫:୭) .

ଯୀଶୁଖ୍ରୀଷ୍ଟଙ୍କ ରକ୍ତ ବ୍ୟତୀତ ମନୁଷ୍ୟର ପାପକ୍ଷମା ଅସାଧ ଥିବାରୁ, ପ୍ରେମମୟ ପିତା ଆପଣା ପୁତ୍ରଙ୍କର ପ୍ରାର୍ଥନା ଅଗ୍ରାହ୍ୟ କରିଥିଲେ । କାରଣ ଖ୍ରୀଷ୍ଟଙ୍କ ମୃତ୍ୟୁରେ ମାନବ ଜାତିର ପରିତ୍ରାଣ ସମ୍ଭବପର ହୋଇଅଛି । ଏତଦ୍ୱାରା ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ଦତ୍ତ ପରୀକ୍ଷାରେ ବିଜୟୀ ହୋଇ ତାହାଙ୍କ ଆଜ୍ଞାବହ ମାନଙ୍କ ଅନନ୍ତଜୀବନର କାରକ ହୋଇପାରିଅଛନ୍ତି । ଅବ୍ରାହମଙ୍କୁ ସଦାପ୍ରଭୁ ଆପଣା ପୁତ୍ରର ବଳିମାଗି, ତାହାଙ୍କ ପରୀକ୍ଷା ନେଇଥିବା ସଦୃଶ୍ୟ, ସଦାପ୍ରଭୁ ଯୀଶୁଙ୍କ ତଥା ଆମର ପରୀକ୍ଷା ନିଅନ୍ତି । (ଏବ୍ରୀ ୫:୯)

କ୍ରୁଶ ଉପରେ ଯୀଶୁଖ୍ରୀଷ୍ଟ ଉଚ୍ଚାରଣ କରିଥିବା ପଦଗୁଡ଼ିକ, ସଦାପ୍ରଭୁଙ୍କ ପ୍ରତି ତାହାଙ୍କ ପ୍ରାର୍ଥନା ଥିଲା । ପ୍ରଥମେ, ଯେଉଁମାନେ ତାହାଙ୍କୁ କ୍ରୁଶାର୍ପିତ କରିଥିଲେ, ସେମାନଙ୍କୁ କ୍ଷମା କରିବାକୁ ସେ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଥିଲେ । "ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ ।" (ଲୁକ ୨୩:୩୪) ଦ୍ୱିତୀୟରେ ଦିନ ବାରଘଣ୍ଟା ସମୟରେ ଯୀଶୁ ଉଚ୍ଚସ୍ୱରରେ ପ୍ରାର୍ଥନା କରି କହିଲେ, "ଏଲୀ, ଏଲୀ, ଲମା ଶବକ୍ଥାନୀ ? ଅର୍ଥାତ୍, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ? "(ମାର୍କ ୧୫:୩୩-୩୪) କ୍ଳେଶରେ ପୀଡ଼ିତ ଯୀଶୁଖ୍ରୀଷ୍ଟ କିଛି ସମୟ ସଦାପ୍ରଭୁ ତାହାଙ୍କୁ ପରିତ୍ୟାଗ କରିଅଛନ୍ତି ବୋଲି ମନେ କରିଥିଲେ, କିନ୍ତୁ ଆମ୍ଭମାନଙ୍କ ଅପରିବର୍ତ୍ତନୀୟ ପରମେଶ୍ୱର ପ୍ରତ୍ୟେକ ଧାର୍ମିକ ବ୍ୟକ୍ତିଙ୍କୁ ସେ କେବେ ବି ଛାଡ଼ିବେ ନାହିଁକି, ପରିତ୍ୟାଗ କରିବେ ନାହିଁ ।" (ଦ୍ୱି :ବି ୩୧:୮, ଯିହୋଶିୟ ୧:୫, ଏବ୍ରୀ ୧୩:୫)

"ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି ଏହା କହି ସେ ପ୍ରାଣତ୍ୟାଗ କଲେ ।" (ଲୁକ ୨୩:୪୬) । ଏହା କ୍ରୁଶ ଉପରେ ତାହାଙ୍କ ଶେଷ ପ୍ରାର୍ଥନା ଥିଲା ।

**- HUGO McCORD**

❋❋❋

# ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରିବା
## (Daily living for Christ)

ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି,"......... ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କ ଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଆଉ ତୁମ୍ଭେମାନେ ନିଜ୍ଜେ ନିଜର ନୁହଁ । କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣା ଯାଇଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର । ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା କ୍ରୀତ ହୋଇଥିବାରୁ, ସେମାନେ ଖ୍ରୀଷ୍ଟଙ୍କ ସ୍ୱପ୍ରଜା ଅଟନ୍ତି । ଆମ୍ଭେମାନେ ତାହାଙ୍କ ଆପଣାର ଲୋକ ହୋଇଥିବାରୁ, ତାହାଙ୍କ ନିମନ୍ତେ ଦିନ ପ୍ରତିଦିନ ଜୀବନଯାପନ କରୁ ।

ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ବଂଶଧାର ଅର୍ଥ ପ୍ରତିଦିନ ତାହାଙ୍କ ନିକଟରେ ପ୍ରାର୍ଥନା କରିବା ଓ ପ୍ରତିଦିନ ତାହାଙ୍କ ଦତ୍ତ ପବିତ୍ର ପୁସ୍ତକ ବାଇବଲର ବାକ୍ୟ ଧ୍ୟାନ କରିବା । ଏତଦ୍ୱାରା ଆମ୍ଭେମାନେ ବାଇବଲରୁ ଆମ୍ଭମାନଙ୍କ ନିମନ୍ତେ ତାହାଙ୍କ ଇଚ୍ଛା କଅଣ ଜାଣିପାରିବା । ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରିବା ଅର୍ଥ, ବିନାଶପ୍ରାପ୍ତ ହେଉଥିବା ଲୋକମାନଙ୍କୁ ସୁଯୋଗାନୁଯାୟୀ ଖ୍ରୀଷ୍ଟଙ୍କ ବିଷୟ ଶିକ୍ଷା ଦେବା । ବାପ୍ତିସ୍ମ ଦ୍ୱାରା ସୁଯୋଗନୁଯାୟୀ ଆମ୍ଭେମାନେ ପୁରାତନ ସ୍ୱଭାବ ପରିତ୍ୟାଗ କରି, ନୂତନ ସ୍ୱଭାବ ଧାରଣ କରିଅଛୁ ।

ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରିବାର ଅର୍ଥ, ଅଖ୍ରୀଷ୍ଟିୟାନମାନଙ୍କ ଅନୁସରଣ ନକରି ପ୍ରତିଦିନ ଖ୍ରୀଷ୍ଟଙ୍କୁ ଅନୁସରଣ କରିବା । ଆମ୍ଭମାନଙ୍କ ପ୍ରତ୍ୟେକ କାର୍ଯ୍ୟରେ ଖ୍ରୀଷ୍ଟଙ୍କୁ ଆମ୍ଭେମାନେ ତାହାଙ୍କ ଅନୁସରଣ କରୁ । ଖ୍ରୀଷ୍ଟ ହିଁ ଆମର ଆଦର୍ଶ ଅଟନ୍ତି ।

ପ୍ରତିଦିନ ଖ୍ରୀଷ୍ଟଙ୍କ ଅନୁସରଣ କରିବାର ଅର୍ଥ, ପ୍ରତିଦିନ ତାହାଙ୍କ ନାମର ଗୌରବାନ୍ୱିତ କରିବା । ଅନେକେ ଖ୍ରୀଷ୍ଟ ଓ ଈଶ୍ୱରଙ୍କ ନାମ ଅକାରଣରେ ନେଇଥାନ୍ତି । ପର୍ବତ ଉପଦେଶରେ ଖ୍ରୀଷ୍ଟ ଶିକ୍ଷାଦେଇ କହିଥିଲେ ଆଦୌ ଶପଥ କରନାହିଁ, ସ୍ୱର୍ଗର ଶପଥ କର ନାହିଁ, କାରଣ ତାହା ଈଶ୍ୱରଙ୍କ ସିଂହାସନ, କିମ୍ବା ପୃଥିବୀର ଶପଥ କରନାହିଁ । କାରଣ ତାହା ତାହାଙ୍କର ପାଦପୀଠ, ଯିରୁଶାଲମର ଶପଥ କରିନାହିଁ କାରଣ ତାହା

ମହାରାଜାଙ୍କ ନଗରୀ... ତୁମ୍ଭମାନଙ୍କ ହିଁ କଥା ହଁ ହେଉ, ନା କଥା ନା ହେଉ ଏଥିରୁ ଯାହା ଅଧିକ ତାହା ମନ୍ଦରୁ ଜନ୍ମେ।'' (ମାଥିଉ ୩:୩୪-୩୭) ଅନେକ ଅଶ୍ଳୀଳ ଭାଷାରେ କଥା କହନ୍ତି, ଯଦ୍ୱାରା ଅନ୍ୟମାନଙ୍କ ହୃଦୟରେ ଅଭିଳାଷ ଜାତ ହୁଏ । ଏପରି କର୍ମ ବିଷୟରେ ବାଇବଲ କହେ, ''ତୁମ୍ଭମାନଙ୍କ ମୁଖରୁ କୌଣସି କୁବାକ୍ୟ ନିର୍ଗତ ନହେଉ, ବରଂ ଆବଶ୍ୟକନୁସାରେ ନିଷ୍ଠାଜନକ ବାକ୍ୟ ନିର୍ଗତ ହେଉ, ଯେପରି ତାହା ଶ୍ରୋତାମାନଙ୍କ ଅନୁଗ୍ରହ ପକ୍ଷରେ ହିତଜନକ ହୁଏ ।'' (ଏଫିସିୟ ୬:୨୯)

ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନର ଅର୍ଥ, ଶାରୀରିକ ମଳିନତାରୁ ଆପଣାକୁ ଦୂରରେ ରଖିବା । ଶାରୀରିକ ଅଭିଳାଷରେ ଜୀବନଯାପନ କରିବା ପ୍ରତ୍ୟେକ ମନପରିବର୍ତ୍ତନ ନକରେ ନିଶ୍ଚିତଭାବେ ବିନଷ୍ଟ ହେବେ । ବାକ୍ୟ କହେ,'' ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ହେଉ ଓ ତାହାର ଶଯ୍ୟା ଶୁଚି ଥାଉ, କାରଣ ଈଶ୍ୱର ପାରିବାରିକ ଓ ବ୍ୟଭିଚାରୀମାନଙ୍କ ବିଚାର କରିବେ ।'' (ଏବ୍ରୀ ୧୩:୪)

ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରିବାର ଅର୍ଥ, ଏକ ଆରେକୁ ମିଥ୍ୟା ନ କହିବା, ଅନ୍ୟମାନଙ୍କ ପଦାର୍ଥ ଆଶା ନକରିବା । ଚୋରୀ ନକରିବା । ଏପରି କର୍ମଗୁଡ଼ିକ ଦ୍ୱାରା ଆମ୍ଭେମାନେ ବିନଷ୍ଟ ହେବୁ ।

ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରିବାର ଅର୍ଥ, ପାର୍ଥିବ ବିଷୟରେ ଆସକ୍ତ ନହୋଇ, ସନ୍ତୁଷ୍ଟମୟ ଜୀବନଯାପନ କରିବା । ପାଉଲ ତୀମଥିଙ୍କୁ ଲେଖନ୍ତି, ''ଈଶ୍ୱର ପରାୟଣତା ସନ୍ତୋଷଭାବଯୁକ୍ତ ହେଲେ ପ୍ରକୃତରେ ବିଶେଷ ଲାଭଜନକ । କାରଣ ଆମ୍ଭେମାନେ ଜଗତକୁ କିଛି ଆଣିନାହୁଁ, ପୁଣି ଏଠାରୁ କିଛି ଘେନି ଯାଇନପାରୁ । (୧ମ ତୀମଥି ୬:୬-୮) ଲୋଭ ହେତୁରୁ ଈଶ୍ୱରଙ୍କ କ୍ରୋଧ ଆମ୍ଭମାନଙ୍କ ପ୍ରତି ବର୍ତ୍ତେ ।

ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନର ଅର୍ଥ, ''ବଚସା ଓ ତର୍କବିତର୍କ ବିନା ସମସ୍ତ କାର୍ଯ୍ୟ କର । ଯେପରି ତୁମ୍ଭେମାନେ ନିର୍ଦ୍ଦୋଷ ଓ ଅମାୟିକ ହୋଇ ଏହି କୁଟିଳ ବିପଥଗାମୀ ବଂଶ ମଧ୍ୟରେ ଈଶ୍ୱରଙ୍କ ଅନିନ୍ଦନୀୟ ସନ୍ତାନସନ୍ତତି ହୁଅ, ସେମାନଙ୍କ ମଧ୍ୟରେ ତୁମ୍ଭେମାନେ ଜୀବନର ବାକ୍ୟ ଧରି ଜଗତରେ ଜ୍ୟୋତି ସ୍ୱରୂପ ପ୍ରକାଶ ପାଉଛ ।'' (ଫିଲିପ ୨:୧୪,୧୫) ଜଗତ ନିମନ୍ତେ ଆମ୍ଭେମାନେ ଏକ ଆଦର୍ଶ ହେଉ । ପର୍ବତ ଉପଦେଶରେ ପ୍ରଭୁ କହିଥିଲେ, ''........ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସୁକର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।'' (ମାଥିଉ ୫:୧୬)

ଆମ୍ଭେମାନେ ଯଦି ପ୍ରତିଦିନ ତାହାଙ୍କ ନିମନ୍ତେ ଜୀବନଯାପନ କରୁ, ସେ

ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବେ ଯେହେତୁ ସେ ଆମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି । କାରଣ ବାକ୍ୟ କହେ, ''ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ ।'' (ରୋମୀୟ ୮:୨୮) । ଆସ ଆମ୍ଭେମାନେ ସର୍ବପ୍ରଥମେ ଈଶ୍ୱରଙ୍କ ରାଜ୍ୟ ଓ ନୀତି ଅନୁସରଣ କରୁ । ସେ ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବେ । (ମାଥିଉ ୬:୩୩)

ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରିବା ଲୋକେ, ସ୍ୱର୍ଗରେ ଧନ ସଞ୍ଚୟ କରିବା ନିମନ୍ତେ ଏହି ଜଗତରେ ଅନ୍ୟମାନଙ୍କ ସାହାଯ୍ୟ କରିବା (ମାଥିଉ ୬:୧୯,୨୦) କାରଣ ଆମ୍ଭମାନଙ୍କ ନିତ୍ୟସ୍ଥାୟୀ ନିବାସ ଏହି ଜଗତରେ ନାହିଁ । (ଫିଲିପି ୩:୨୦) ଆମ୍ଭେମାନେ ଆମ୍ଭମାନଙ୍କ ରକ୍ଷାକର୍ତ୍ତାଙ୍କ ଆଗମନର ଅପେକ୍ଷାରେ ଅଛୁ । (୨ ପିତର ୩:୧୧,୧୨) ଆସ, ଆମ୍ଭେମାନେ ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରି, ତାହାଙ୍କ ଆଗମନ ନିମନ୍ତେ ପ୍ରସ୍ତୁତ ରହୁ । (୧ମ ଥେସ ୫:୧-୧୧)

ଆପଣ କି ଖ୍ରୀଷ୍ଟଙ୍କ ନିମନ୍ତେ ପ୍ରତିଦିନ ଜୀବନଯାପନ କରିଅଛନ୍ତି ? ଯଦି ନୁହେଁ, ଆଜିଠୁଁ ଆରମ୍ଭ କରନ୍ତୁ । ଆପଣ ଯଦି ଏବେ ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ ହୋଇନାହାନ୍ତି, ପ୍ରଥମେ ତାହାଙ୍କ ନାମରେ ବାପ୍ତିଜିତ ହୋଇ ଖ୍ରୀଷ୍ଟିୟାନ ହୁଅନ୍ତୁ । ତାହାଙ୍କ ସୁସମାଚାରରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ମନୁଷ୍ୟମାନଙ୍କ ସମ୍ମୁଖରେ ଆପଣା ବିଶ୍ୱାସ ସ୍ୱୀକାର କରି, ପାପକ୍ଷମା ନିମନ୍ତେ ବାପ୍ତିଜିତ ହୁଅନ୍ତୁ । (ମାର୍କ ୧୬:୧୬, ପ୍ରେରିତ ୨:୩୮, ରୋମୀୟ ୬:୩,୪) ତାହାଙ୍କ ସୁସମାଚାରର ଆଜ୍ଞାବହ ହୋଇ, ତାହାଙ୍କ ନିମନ୍ତେ ଜୀବନଯାପନ କରିବା ଆରମ୍ଭ କରନ୍ତୁ !

**- Truth for the World**

❋❋❋

**Edited & Published by : Kabita & Joshua Gootam**

# THEY HAD BEEN WITH JESUS

## Acts 4:13

**INTRODUCTION :**

1. Tell the story of Peter and John. (Acts 4,5).
2. In many ways they were as other men.
3. But having been with Jesus made a difference.
4. That difference may still be seen.

**DISCUSSION :**

## I. Why Jesus came.

1. He came to call sinners to repentance. (Luke 19:10).
2. He came to change people for the better. (John 4).
3. He came to influence them for good.

## II. The results of Jesus coming.

1. He made disciples.
2. He made believers.
3. He changed the lives of many.
4. He changed the course of history.

## III. Those who have been with Jesus.

1. They have been saved.
2. They are members of the church
3. They wear his name.
4. They speak differently.
5. They look differently.
6. They act differently.
7. They think differently.
8. They are the best people.
9. They have been influenced by Jesus.

## IV. Those who have not been with Jesus.

1. They are lost.
2. They think of this world only.
3. They are worldly and ungodly.

4. They stand out from the others.

## V. Which is the better?

1. The fruit tells the whole story.
2. Most people prefer the good fruit
3. Let Jesus change you for the better.

## CONCLUSION :

1. You can be a better, happier persons with Christ,
2. You can have a better life, and above all, hope through Christ.
3. Jesus is calling for you to come. (Matthew 11 : 28-30).

**J.C. Choate**

From :
SATYA VANI
P.O. BOX. 80,
KAKINADA - 533 001.

Printed Book only

To

(For Private Circulation only)